# ଛତୁ ଚାଷ

## ଗ୍ରାମୀଣ ମହିଳାମାନଙ୍କ ଆତ୍ମନିର୍ଭରତା ପାଇଁ ଏକ ସଫଳ ପନ୍ଥା

ଶ୍ରୀକାନ୍ତ ଲେଙ୍କା, ଲିପି ଦାସ,
ସୁମନ୍ତ କୁମାର ମିଶ୍ର, ରାଜୀବ କୁମାର ବେହେରା ଏବଂ ସଞ୍ଜୟ ସାହା





ଛତୁ ଏକ ସୁସ୍ୱାଦୁ ଏବଂ ସ୍ୱାଦିଷ୍ଟ ଖାଦ୍ୟ ରୂପେ ବ୍ୟବହାର ହୋଇଆସୁଅଛି । ଗ୍ରୀକ୍ ସଭ୍ୟତାର ଲୋକମାନେ ଏହାକୁ "ଈଶ୍ୱରଙ୍କ ଖାଦ୍ୟ" ରୂପେ ବିବେଚନା କରୁଥିଲେ । ପୃଥିବୀର କ୍ରମବର୍ଦ୍ଧିଷ୍ଣୁ ଜନସମୁଦ୍ର ପାଇଁ ଏହା ଯେ ଖାଦ୍ୟର ଏକ ବିକଳ୍ପଭାବେ ସ୍ଥାନପାଇବ, ଏଥିରେ ସନ୍ଦେହ ନାହିଁ । ଛତୁ ସହଜରେ ହଜମ ହୋଇଥାଏ । ଏହାକୁ ବହୁମୂତ୍ର, କର୍କଟ ରୋଗୀ ଓ ହୃଦରୋଗୀକୁ ଖାଇବାକୁ ଦିଆଯାଇପାରେ । କେତେକଙ୍କର ଭ୍ରମ ଧାରଣା ଥାଏ ଯେ, ଛତୁ ଆମିଷ ଅଟେ, ମାତ୍ର ଏ ଧାରଣା ଠିକ୍ ନୁହେଁ । କାରଣ, ଛତୁ ଏକ ଫିମ୍ପି ଜାତୀୟ ଉଦ୍ଭିଦ, ଯାହାର କାୟିକ କୋଷଗୁଡ଼ିକ ମାଟି ଭିତରେ ସୁପ୍ତ ଅବସ୍ଥାରେ ଥାଏ । ଏକ କେନ୍ଦ୍ରବିନ୍ଦୁରୁ ବିଭିନ୍ନ ଦିଗରେ ଗୋଲାକାର କଲୋନୀ କରି ବିକ୍ଷିପ୍ତ ପରିସୀମା ମଧ୍ୟରେ ଏହା ରହିଥାଏ । ବର୍ଷାଦିନରେ ଜୈବିକ ବିଘଟନ ହେତୁ ମାଟି ନରମ ହୋଇଯିବା ଦ୍ୱାରା ଛତୁର କାୟିକ କୋଷ ଗୁଡ଼ିକରୁ ଅନେକ ଅଙ୍ଗୀୟ ଫଳନର ବିକାଶ ଘଟିଥାଏ, ଯାହାକୁ ଆମେ ଖାଦ୍ୟରୂପେ ବ୍ୟବହାର କରିଥାଉ । ଛତୁକୁ ଅନ୍ୟାନ୍ୟ ପନିପରିବା ଭଳି ସପ୍ତାହର ପ୍ରତ୍ୟେକ ଦିନରେ ନିରାମିଷ ଖାଦ୍ୟରୂପେ ବ୍ୟବହାର କରାଯାଇପାରିବ ।

ଛତୁର ଖାଦ୍ୟଗୁଣ ମାଂସଠାରୁ କୌଣସି ଗୁଣରେ କମ୍ ନୁହେଁ । ଛତୁରେ ଶତକଡ଼ା ୩.୦୭୫ ଭାଗ ପୁଷ୍ଟିସାର, ୩.୮୨ ଭାଗ ଶ୍ୱେତସାର, ୦.୧୮ ଭାଗ ଚର୍ବି ବା ସ୍ନେହସାର ଏବଂ ୧-୨ ଭାଗ ଅଣୁସାର ଥାଏ । ବିଭିନ୍ନ ଅଣୁସାରମାନଙ୍କ ମଧ୍ୟରେ କ୍ୟାଲସିୟମ୍ (୦.୦୧୪), ମ୍ୟାଗ୍ନେସିୟମ୍ (୦.୦୬), ପଟାସିୟମ୍ (୦.୩୮୪), ସୋଡ଼ିୟମ୍ (୦.୦୨୬୬), ଫସ୍‌ଫରସ୍ (୦.୦୯୮-୦.୧୪୨), ଗନ୍ଧକ (୦.୦୫୧) ଏବଂ ଲୌହ (୦.୦୦୧-୦.୦୧୯) ବିଭିନ୍ନ ପରିମାଣରେ ମିଳିଥାଏ । ଛତୁରେ ଜୀବସାର ପରିମାଣ ମଧ୍ୟ ଅଧିକ ଥାଏ । ୧୦୦ ଗ୍ରାମ୍ ଶୁଖିଲା ଛତୁରେ ଥାୟାମିନ୍ ୧ ମି.ଗ୍ରା., ରିବୋଫ୍ଲେବିନ୍ ୫.୨ ମି.ଗ୍ରା., ନାୟାମିନ୍ ୫୮.୧ ମି.ଗ୍ରା. ଓ ପେଣ୍ଟୋଥେଟିକ୍ ଏସିଡ୍ ୨୩ ମି.ଗ୍ରା. ଥାଏ । ଏଥିରୁ ଜଣାଯାଏ ଯେ, ଛତୁରେ ଭିଟାମିନ୍ 'ଖ' ବେଶୀ ପରିମାଣରେ ମିଳିଥାଏ ।

ଆମ ଦେଶ ଏବଂ ପ୍ରଦେଶରେ ସାଧାରଣତଃ ଆମେ ପାଳଛତୁ, ଧିଙ୍ଗିରୀ ଛତୁ ଏବଂ ବଟନ୍ ଛତୁ ଖାଇଥାଉ । ଏହି ତିନି ପ୍ରକାର ଛତୁକୁ ବ୍ୟାବସାୟିକ ଭିତ୍ତିରେ ମଧ୍ୟ ଚାଷ କରାଯାଇପାରୁଛି । ଆମ ପ୍ରଦେଶରେ ପାଳଛତୁ ଓ ଧିଙ୍ଗିରୀ ଛତୁର ପ୍ରସାର ଅଧିକ ପରିମାଣରେ ହୋଇପାରିଅଛି । ନିମ୍ନରେ ଏହି ଦୁଇଟି ଛତୁର ଚାଷପ୍ରଣାଳୀ, ଉପକରଣର ଆବଶ୍ୟକତା ଏବଂ ରକ୍ଷଣାବେକ୍ଷଣ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଅଛି ।

Scanned by CamScanner

## ପାଳଛତୁ ଚାଷ



ପାଳଛତୁ ଚାଷ ଓଡ଼ିଶାର ସମସ୍ତ ଅଞ୍ଚଳରେ ମାର୍ଚ୍ଚ ମାସଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ କରାଯାଇଥାଏ । ଏହାର ଚାଷପାଇଁ ୩୦-୩୫° ସେ.ଗ୍ରେ. ତାପମାତ୍ରା ଓ ଶତକଡ଼ା ୭୦ ଭାଗ ଆର୍ଦ୍ରତା ଆବଶ୍ୟକ ହୋଇଥାଏ । ଏହା ସୁସ୍ୱାଦୁ ଓ ପୁଷ୍ଟିକର ହୋଇଥିବାରୁ ଅନ୍ୟାନ୍ୟ ଛତୁ ଅପେକ୍ଷା ଏହାର ଚାହିଦା ଅଧିକ ହୋଇଥାଏ । ଗୋଟିଏ ପାଳଛତୁ ବେଡ୍ / ଭାଡି ପାଇଁ ଛତୁ ମଞ୍ଜି ବୋତଲ-୧ଟା, ବେସନ କିମ୍ବା ଚଣା/ମୁଗ ଚୁନ-୩୦୦ ଗ୍ରାମ୍, ଧାନ ନଡା-୩୦ ବିଡା (୧.୫ ଫୁଟ ଲମ୍ବ) ଏବଂ ଛତୁ ଫୁଟିବା ପର୍ଯ୍ୟନ୍ତ ତାକୁ ଘୋଡାଇବା ପାଇଁ ଗୋଟାଏ ପଲିଥିନ୍ (ବିଶେଷତଃ ଧଳାରଙ୍ଗର) ଦରକାର ହୋଇଥାଏ । ଆହୁରି ମଧ୍ୟ ଧାନ ନଡା (ଅଗକୁ କାଟି) ଲମ୍ବ ଆକାରର ଏକ ଭାଡି ମାଟି ପ୍ରଥମରୁ ସାମାନ୍ୟ ଉଚ୍ଚରେ ପ୍ରସ୍ତୁତ କରିବାକୁ ପଡେ । ତିରିଶି ବିଡା ନଡାକୁ ରାତିସାରା ପାଣିରେ ଭିଜାଇ ତା'ପରଦିନ ଭଲ ଭାବରେ ଛାଣିଦିଆଯାଏ । କାନ୍ଥରେ ଡେରିକରି ରଖିବା ପରେ ପାଣିକୁ ଗରମ କରି ବିଡା ଗୁଡ଼ିକରେ ଢାଳି ଦିଆଯାଏ, ଫଳରେ ଆଂଶିକ ବିଶୋଧନ ହୋଇଥାଏ । ଭାଡି ଉପରେ ପ୍ରଥମ ସ୍ତରରେ ଭିଜା ନଡାକୁ ରଖି ତା'ର ଚାରିକଡରେ ଛତୁମଞ୍ଜି ଛତୁ ବୋତଲରୁ ଲୁହାକାଠି ଦ୍ୱାରା କାଢ଼ି ମୋଟ ତିନିଭାଗରୁ ଭାଗେ ଚାରିକଡରେ ବିଛାଯାଏ । ଛତୁମଞ୍ଜି ଉପରେ ତିନିଭାଗ ବେସନରୁ ଏକ ଭାଗ ମଧ୍ୟ ପକାଯାଏ । ବିପରୀତ ଦିଗରେ ଦ୍ୱିତୀୟ ଭାଗ ନଡାକୁ ବିଛାଇ ଛତୁମଞ୍ଜି ଓ ବେସନକୁ ପ୍ରଥମ ସ୍ତରଭଳି ତିଆରି କରାଯାଇଥାଏ । ଶେଷରେ ଉପର ସ୍ତର ଭାବେ ଭିଜା ନଡାକୁ ଭଲ ଭାବରେ ରଖି ଚାରିକଡରେ ଏବଂ ମଝିରେ ମଧ୍ୟ ଛତୁମଞ୍ଜିକୁ ବିଛାଇ ଦିଆଯାଏ, ଛତୁମଞ୍ଜି ଉପରେ ବେସନ ବିଛାଇ ଦିଆଯାଏ । ସର୍ବଶେଷରେ ଅଛ ବଳିଥିବା ନଡାକୁ ଖୋଲି ଉପର ସ୍ତରକୁ ଘୋଡାଇ ଦିଆଯାଏ । ସମସ୍ତ ଛତୁ ବେଡ୍ କୁ ଏକ ଧଳା ପଲିଥିନ୍ ଦ୍ୱାରା ଭଲଭାବରେ ଘୋଡାଇ ସୁତୁଲି ଦ୍ୱାରା ବାନ୍ଧି ଦିଆଯାଏ ।

ବେଡ୍ ତିଆରି ହେବାର ୮-୧୦ ଦିନ ପରେ ପଲିଥିନ୍ କୁ ଖୋଲି ୨-୩ ଲିଟର ପାଣି ସମୁଦାୟ ବେଡ୍‌ରେ ସମ୍ପୂର୍ଣ୍ଣରେ ସିଞ୍ଚିଦିଆଯାଏ । ଛତୁ ଫୁଟିବା ପରେ ପଲିଥିନ୍ କୁ ସଂପୂର୍ଣ୍ଣ ଖୋଲି ପ୍ରତ୍ୟେକ ଦିନ ପାଣି ସିଞ୍ଚନ କରାଯାଇଥାଏ । ଛତୁ ଫୁଟିବାଠାରୁ ୫-୬ ଦିନ ପର୍ଯ୍ୟନ୍ତ ଭଲ ଭାବରେ ଯତ୍ନ ନେଇ ଅମଳ କରାଯାଇଥାଏ ଏବଂ ବେଡ୍ ରୁ ବ୍ଲେଡ୍ ଦ୍ୱାରା କାଟି ତୋଳି ଖିଆଯାଇଥାଏ ବା ବଜାରରେ ଉପଯୁକ୍ତ ଦରରେ ବିକ୍ରି କରାଯାଇଥାଏ । ଗୋଟିଏ ଭଲ ଛତୁ ବେଡ୍ ରୁ ହାରାହାରି ୨ କି.ଗ୍ରା. ପର୍ଯ୍ୟନ୍ତ ଛତୁ ୨/୩ ଥର ଅମଳ କରାଯାଇଥାଏ, ଯାହାର ବଜାର ମୂଲ୍ୟ ୨୦୦ ଟଙ୍କା ହୋଇଥାଏ ।

ଗୋଟିଏ ଛତୁ ବେଡ୍ କରିବା ପାଇଁ ମୋଟ ୭୫ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ (୩୦ ବିଡା ଧାନ ନଡା-୩୦ ଟଙ୍କା, ଗୋଟାଏ ଛତୁ ବୋତଲ-୧୩ ଟଙ୍କା, ବେସନ ୩୦୦ ଗ୍ରା.-୨୪ ଟଙ୍କା, ଅନ୍ୟାନ୍ୟ- ୮ ଟଙ୍କା) । ଅତଏବ, ଗୋଟିଏ ଛତୁ ବେଡ୍ ଚାଷ କଲେ, ହାରାହାରି ୧୨୫ ଟଙ୍କା (୨୦୦ ଟଙ୍କା -୭୫ ଟଙ୍କା) ଲାଭ ହୋଇଥାଏ । ଯଦି ଜଣେ ଶିକ୍ଷିତ ଯୁବକ/ଯୁବତୀ ପ୍ରତିମାସରେ ବ୍ୟବସାୟିକ ଭିତ୍ତିରେ ୨୦୦ ଛତୁ ବେଡ୍ କରେ(ଏକ ବିଶେଷ ନଡା ଛପର ବିଶିଷ୍ଟ ଘର ବନାଇ), ତେବେ ସେ ପ୍ରତିମାସରେ ହାରାହାରି ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇଥାଏ ।





## ଧିଙ୍ଗିରୀ ଛତୁଚାଷ

ପାଳଛତୁ ଓ ଅନ୍ୟଛତୁ ପରି ଏହା ମଧ୍ୟ ଏକ ସୁସ୍ୱାଦୁ ଖାଦ୍ୟୋପଯୋଗୀ ଛତୁ । ଏହାକୁ ଆମେ ଶୀତଦିନେ, ସାଧାରଣତଃ ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚାଷ କରି ପାରିବା । ପାଳଛତୁଠାରୁ ଏହା ଦେଖିବାପାଇଁ ଅଲଗା । ଏହାର ରଂଗ ମଇଳା କିମ୍ବା ବାଦାମୀ ରଂଗର । ଆକୃତି ନାଭି କିମ୍ବା ଶାମୁକା ପରି, ଗାଲି ଧଳା, ଡେମ୍ଫ ଅତି ଛୋଟ ।

ପ୍ରତି କିଲୋଗ୍ରାମ୍ ତାଜା ଧିଙ୍ଗିରୀ ଛତୁରେ ୯-୧୦ ଗ୍ରାମ୍ ଜଳୀୟ ଅଂଶ, ୧୧ ଗ୍ରାମ୍ କଡାଳିଆ ଅଂଶ, ୨୮ ଗ୍ରାମ୍ ପୁଷ୍ଟିସାର, ୧୦ ଗ୍ରାମ୍ ଧାତୁସାର ମିଳିଥାଏ । ଜୀବସାର ମଧ୍ୟ ଅଧିକ ପରିମାଣରେ ମିଳିଥାଏ । ୧୯୮୬ ମସିହାରେ ପ୍ରଥମେ ମହୀଶୂରରେ ଏ ଛତୁ ଚାଷ କରାଯାଇଥିଲା । କାଳକ୍ରମେ ଏହାର ଚାଷ ସର୍ବତ୍ର ଦେଖିବାକୁ ମିଳେ । ସାମାନ୍ୟଥଣ୍ଡା (୨୦-୩୦° ସେଲସିୟସ୍) ଏବଂ ଅତି ଆର୍ଦ୍ର (୮୦ ପ୍ରତିଶତରୁ ଅଧିକ) ପରିବେଶରେ ଧିଙ୍ଗିରୀ ଛତୁ ଫୁଟେ । ଏ ଛତୁ ଫୁଟିବା ଉପରେ ଆଲୋକର କୌଣସି ପ୍ରଭାବ ପରିଲକ୍ଷିତ ହୁଏ ନାହିଁ । ଉପଯୁକ୍ତ ତାପମାତ୍ରା ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ଶୀତ ଋତୁରେ ମିଳିଥାଏ । ଏହାର ଚାଷ ପ୍ରଣାଳୀ ପାଳଛତୁଠାରୁ ସଂପୂର୍ଣ୍ଣ ଅଲଗା ।



ଗୋଟିଏ ଧିଙ୍ଗିରୀ ଛତୁ ବେଡ୍ ପାଇଁ ଛତୁମଞ୍ଜି ବୋତଲ-୧ଟା, ୨-୩ କି.ଗ୍ରା. କଟା ଧାନ ନଡା, ୨.୫ ଫୁଟ X ୧.୫ ଫୁଟ ଆକାରର ଧଳା ପଲିଥିନ୍ (ଦୁଇପଟ ମୁହଁ ଖୋଲାଥିବା) ଏବଂ ସିଝାଗହମ ୨୫୦ ଗ୍ରାମ୍ ଆବଶ୍ୟକ ହୋଇଥାଏ । ସାଧାରଣତଃ ୩-୪ ଧାନ ନଡା ବିଡା ସଂଗ୍ରହ କରି ତାକୁ ଭଲ ଭାବରେ ଝାଡି ୧-୧.୫ ଇଞ୍ଚ ଆକାରର କାଟି ରାତିସାରା ପାଣିରେ ଭିଜାଯାଏ । ତା'ପର ଦିନ ତାକୁ ଗରମ କରି ଥଣ୍ଡା କରିଦିଆଯାଏ । ଭଲ ଭାବରେ ତାକୁ ଛାଣି ଛାଇରେ ଶୁଖାଯାଏ । ପଲିଥିନ୍‌ର ଗୋଟିଏ ଖୋଲା ମୁହଁକୁ ବାନ୍ଧି ସେଥିରେ ପ୍ରଥମସ୍ତର ଭାବେ ୧ମ ଭାଗ କଟାନଡା ରଖାଯାଏ । ତା'ର ଚାରିକଡ ଏବଂ ମଝି ଅଂଶରେ ୧ମ ଭାଗ ଛତୁମଞ୍ଜିକୁ ବିଛାଇ ଦିଆଯାଏ ଏବଂ ତା'ଉପରେ ସିଝା ଗୋଟା ଗହମକୁ ରଖିଦିଆଯାଏ । ପ୍ରଥମସ୍ତର ଉପରେ ୨ୟ ଭାଗ ନଡାକୁ ପ୍ରଥମ ଭାଗ ଉପରେ ରଖାଯାଇ ଚାରିକଡରେ ଛତୁମଞ୍ଜି ଓ ସିଝା ଗହମକୁ ରଖାଯାଏ । ସେହିଭଳି ୩ୟ ଭାଗ ନଡା ଓ ୩ୟ ଭାଗ ଛତୁମଞ୍ଜି ଦ୍ୱାରା ୩ୟ ସ୍ତର ତିଆରି କରାଯାଇଥାଏ । ସର୍ବଶେଷ ସ୍ତର ଉପରେ ନଡା ରଖି ସେଥିରେ ଚାରିକଡ ଓ ମଝି, ସବୁଅଂଶରେ ଛତୁମଞ୍ଜି ଓ ସିଝା ଗହମ ରଖାଯାଏ । ସର୍ବଶେଷରେ ଉପରେ ଭାଗରେ ପତଳା ଭାବରେ କଟାଭିଜା ନଡାକୁ ଘୋଡାଇ ଦିଆଯାଏ । ଏକ ଲୁହା କାଠିଦ୍ୱାରା ଛତୁ ବେଡର ଚାରିକଡରେ କେତୋଟି କଣା କରାଯାଇଥାଏ । ଫଳରେ କଟା ଧାନ ନଡାରେ ଅଧିକ ଜଳୀୟ ଅଂଶ ଥିଲେ ତାହା ବାହାରି ଆସେ ।

ଛତୁ ବେଡ୍ ତିଆରି କରାଯିବାର ୧୦-୧୨ ଦିନ ପରେ ଛତୁ ଫୁଟିବା ଆରମ୍ଭ କରେ । ସେତେବେଳେ ଛତୁ ବେଡ୍ / ପିଣ୍ଡୁଳାରୁ ଜରିକୁ ଭଲ ଭାବରେ ବାହାର କରି ଭଲ ଭାବରେ ସର୍ଫ୍ ଗୁଣ୍ଡ ଦ୍ୱାରା ଧୋଇ ଦିଆଯାଏ । ଯାହାଦ୍ୱାରା ପରବର୍ତ୍ତୀ ଛତୁବେଡ୍ ତିଆରିରେ ମଧ୍ୟ ଦରକାରରେ ଆସିଥାଏ । ଜରି ଖୋଲିବାପରେ ଛତୁ ବେଡ୍/ପିଣ୍ଡୁଳାକୁ ଶିକା କରି ଟାଙ୍ଗି ଦିଆଯାଏ ଏବଂ ପ୍ରତ୍ୟେକଦିନ ୧-୧.୫ ଲିଟର ପାଣି ସିଞ୍ଚାଯାଏ । ୭-୮ ଦିନ ପରେ ଛତୁ ତୋଳିବା ପାଇଁ ଉପଯୁକ୍ତ ହୋଇଥାଏ । ୨-୩ ଥର ଛତୁ ତୋଳାଯାଇଥାଏ । ଦେଖାଯାଇଛି ଯେ, ପ୍ରତ୍ୟେକ ଧିଙ୍ଗିରୀ ଛତୁ ବେଡ୍ ରୁ ୧.୫ କି.ଗ୍ରା. ପର୍ଯ୍ୟନ୍ତ ଛତୁ ମିଳିଥାଏ । ଯାହାର ବଜାର ମୂଲ୍ୟ ୧୦୫ ଟଙ୍କା ହୋଇଥାଏ ।

Scanned by CamScanner

ଗୋଟିଏ ଧିଙ୍ଗିରୀ ଛତୁ ବେଡ୍ / ପିଣ୍ଡୁଳା ପାଇଁ ମୋଟ ୩୨ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ (ଛତୁ ବୋତଲ ୧ଟା-୧୩ ଟଙ୍କା, ଗୋଟା ଗହମ ୨୫୦ ଗ୍ରା.-୮ ଟଙ୍କା/ ନଡା ୩-୪ ବିଡା-୪ ଟଙ୍କା /ପଲିଥିନ୍-୪ ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ-୩ ଟଙ୍କା) । ଅତଏବ, ଗୋଟିଏ ଧିଙ୍ଗିରୀ ଛତୁ ବେଡ୍ ଚାଷ କରିବାରେ ୭୩ ଟଙ୍କା ପର୍ଯ୍ୟନ୍ତ ଲାଭ ଆସିଥାଏ । ବ୍ୟାବସାୟିକ ଭିତ୍ତିରେ ପ୍ରତିମାସରେ ହାରାହାରି ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ, ଛତୁଚାଷ (ପାଳ ଛତୁ ଓ ଧିଙ୍ଗିରୀ ଛତୁ) ବର୍ଷସାରା କରାଯାଇପାରିବ। ବ୍ୟାବସାୟିକ ଭିତ୍ତିରେ ଚାଷକରିବାକୁ ହେଲେ, କଟକ ଓ ଭୁବନେଶ୍ୱର ସହର ଉପରେ ନିର୍ଭର ନ କରି, ଦୂରାନ୍ତ ଗ୍ରାମର ମହିଳାମାନେ ଉପଯୁକ୍ତ ଛତୁ ଚାଷ ଓ ଛତୁ ବିହନ ଉତ୍ପାଦନ ଉପରେ ପ୍ରଶିକ୍ଷଣ ନେଇ ନିଜେ ମଧ୍ୟ ଛତୁ ବିହନ ଉତ୍ପାଦନ କରିପାରିବେ । ସେହି ଛତୁମଞ୍ଜି ବୋତଲକୁ ନିଜର ଛତୁ ଚାଷ କାର୍ଯ୍ୟରେ ବିନିଯୋଗ କରିବା ସହିତ ଅନ୍ୟ ଛତୁଚାଷୀଙ୍କୁ ମଧ୍ୟ ବିକ୍ରି କରିପାରିବେ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓ.ୟୁ.ଏ.ଟି), ଭୁବନେଶ୍ୱର ଅଧୀନରେ ଥିବା କେନ୍ଦ୍ରୀୟ ବିଷୁବମଣ୍ଡଳୀୟ ଛତୁଚାଷ ଓ ତାଲିମ ପ୍ରତିଷ୍ଠାନରୁ ନିୟମିତ ବ୍ୟବଧାନରେ ଶିକ୍ଷିତ ଯୁବକ / ଯୁବତୀମାନେ ପ୍ରଶିକ୍ଷଣ ନେଇ ଛତୁଚାଷ ଓ ବିହନ ଉତ୍ପାଦନ କରିବାକୁ ସକ୍ଷମ ହେଲେଣି।



ଅଧିକ ଛତୁ ଉତ୍ପାଦନ ହେଲେ ବଜାରରେ ବିକ୍ରିବଟା ପାଇଁ ସମସ୍ୟା ଉପୁଜିପାରେ । ଏହାର ସମାଧାନ ପାଇଁ, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ବଜାରରେ ଉପଯୁକ୍ତ ଦାମରେ ବିକ୍ରି କରିପାରିବେ ଏବଂ ଯଥେଷ୍ଟ ଲାଭବାନ୍ ହୋଇପାରିବେ । ଆମେମାନେ ଦୂରଦୂରାନ୍ତରେ ଥାଇ ମଧ୍ୟ ଛତୁ ଖାଇବା ପାଇଁ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା ଆଦି ସହରମାନଙ୍କ ଉପରେ ନିର୍ଭର ନକରି ଛତୁ ଉତ୍ପାଦନ କରି ନିଜେ ଓ ନିଜ ପରିବାର ସଦସ୍ୟ ଛତୁ ବ୍ୟଂଜନ ଖାଇବା ସହିତ ଛତୁରୁ ଛତୁ ସୁପ୍ , ଛତୁ ଆଚାର, ଛତୁ ପକୁଡି ଆଦି ଅନେକ ସୁସ୍ୱାଦୁ ଖାଦ୍ୟ ତିଆରି କରି ଖାଇପାରିବେ ଏବଂ ତାହାର ସ୍ୱାଦର ମଜା ନେଇ ପାରିବେ । ଛତୁଚାଷ ଓ ଛତୁମଞ୍ଜି ଉତ୍ପାଦନ ପାଇଁ ଜାତୀୟ ଧାନ ଗବେଷଣା ସଂସ୍ଥାନର ବୈଜ୍ଞାନିକ ତଥା ରାଜ୍ୟସ୍ତରୀୟ କୃଷି ଅଧିକାରୀମାନଙ୍କ ପରାମର୍ଶ ମଧ୍ୟ ନେଇପାରିବେ।

# ଛତୁଚାଷ

Farmer FIRST
Enriching Knowledge - Integrating Technology

ଏନ୍.ଆର୍.ଆର୍.ଆଇ. ଫାର୍ମର ଫାର୍ଷ୍ଟ କାର୍ଯ୍ୟକ୍ରମ (ଇଏପି-୨୨୮)

ବୈଷୟିକ ଇସ୍ତାହାର-୧୧, ମାର୍ଚ୍ଚ - ୨୦୧୮

© ସମସ୍ତ ସତ୍ତ୍ୱ ସଂରକ୍ଷିତ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬, ଓଡ଼ିଶା
(ଆଇ.ଏସ୍.ଓ ୯୦୦୧:୨୦୦୮ ପ୍ରମାଣିତ ଅନୁଷ୍ଠାନ)
ଦୂରଭାଷ : +୯୧-୬୭୧-୨୩୬୭୭୫୭; PABX : +୯୧-୬୭୧-୨୩୬୭୭୬୮-୭୮୩;
Fax: +୯୧-୬୭୧-୨୩୬୭୬୬୩; ଇମେଲ୍: director.nrri@icar.gov.in | directorcrricuttack@gmail.com

ଚିତ୍ରୋଉଲନ : ଭଗବାନ ବେହେରା ଓ ପ୍ରକାଶ କର
ଓଡ଼ିଆ ମୁଦ୍ରାଲେଖକ : ସୁଜାତା ମହାନ୍ତି
ପ୍ରକାଶକ : ନିର୍ଦ୍ଦେଶକ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬, ଓଡ଼ିଶା
ମୁଦ୍ରଣ : ପ୍ରିଣ୍ଟଟେକ୍ ଅଫ୍‌ସେଟ୍, ଭୁବନେଶ୍ୱର

Scanned by CamScanner